## ସଂକ୍ଷେପରେ

### ଗଛରେ ପିଟି ହେଲା ବାଇକ୍, ୨ ମୃତ

**ମାଧପୁର,୫।୫:** ଅନୁଗୋଳ ଜିଲା କିଆକଟା ଥାନା ଟୁସର ପଞ୍ଚାୟତ ଝୁଣୁଙ୍ଗାମାଳ ଗ୍ରାମ ନିକଟରେ ଶୁକ୍ରବାର ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯିବାରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାସୁଦେବପୁର ପଞ୍ଚାୟତ ଗୌତମପୁର ଗ୍ରାମର ଇଶ୍ରାନ ଆଦାମ ବୁଡ (୨୫) ଓ ବିଭିଷଣ ସୁରିନ (୬୨)। ଗୁରୁତର ଗେଲବଟ ସୁରିନଙ୍କୁ ପ୍ରଥମେ ବୌଦ୍ଧ ମେଡିକାଲ ଓ ପରେ ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ, ଗୌତମପୁର ଗ୍ରାମର ଇଶ୍ରାନ, ବିଭିଷଣ ଏବଂ ଗେଲବଟ ଏକ ବିବାହ କାର୍ଯ୍ୟରେ ଯୋଗଦେଇ ବାଇକ୍‌ରେ ଫେରୁଥିବାବେଳେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ଇଶ୍ରାନ ଓ ବିଭିଷଣଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ କିଆକଟା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏ ନେଇ ଥାନାରେ ନଂ. ୩୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ପୋଲିସ ପ୍ରକାଶ କରିଛି।

# ଟଙ୍କା ଉଠାଣ ହୋଇ ନ ପାରିବାରୁ ଧାରଣା

**ଛେଣ୍ଡିପଦା,୫।୫(ସ୍ୱ.ପ୍ର.)**


ବୃଦ୍ଧଙ୍କୁ ଶୁଆଇ ଦେଇ ପରିବାର ଲୋକେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଛନ୍ତି।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ରାଇଝରଣସ୍ଥିତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଥିବା ଏକ ଆକାଉଣ୍ଟରୁ ଟଙ୍କା ଉଠାଣ କରି ନ ହେବାରୁ ରୋଗଣା ଆକାଉଣ୍ଟଧାରୀଙ୍କୁ ଧରି ପରିବାର ଲୋକେ ଧାରଣାରେ ବସିବା ଶୁକ୍ରବାର ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ରାଇଝରଣ ଗ୍ରାମର ଫକୀର ସାହୁ(୧୦୦)ଙ୍କ ଏକ ଆକାଉଣ୍ଟ ରହିଛି ଓ ସେଥିରେ ୪୨ ଲକ୍ଷ ଟଙ୍କା ଜମା ରହିଛି। ପରିବାରର ୪ ଭାଇଙ୍କ ଜମି ଅଧିଗ୍ରହଣ ଟଙ୍କା ଫକୀରଙ୍କ ଆକାଉଣ୍ଟରେ ଜମା କରାଯାଇଥିବା ବେଳେ ଗତ ୫ ଦିନ ହେବ ଫକୀର ଅସୁସ୍ଥ ଅଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସା ପାଇଁ ଅର୍ଥ ଆବଶ୍ୟକ ପଡ଼ିବାରୁ ପରିବାର ଲୋକେ ଫକୀରଙ୍କ ନାମରେ ବ୍ୟାଙ୍କରେ ଥିବା ସମସ୍ତ ଟଙ୍କା ଉଠାଇବାକୁ ଚାହିଁଥିଲେ। ତେଣୁ ମଧ୍ୟାହ୍ନରେ ସେମାନେ ଫକୀରଙ୍କୁ ହୁଇଲଚେୟାରରେ ଧରି ବ୍ୟାଙ୍କରେ ପହଞ୍ଚିଥିଲେ। ହେଲେ ସମସ୍ତ ଟଙ୍କା ଉଠାଣ କରିବାକୁ ହେଲେ କୋର୍ଟ ଆଫିଡେଭିଟ ଦେବାକୁ ପଡ଼ିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯିବାରୁ ଫକୀରଙ୍କୁ ବ୍ୟାଙ୍କ ସମ୍ମୁଖରେ ଶୁଆଇଦେଇ ପରିବାର ଲୋକେ ଧାରଣାରେ ବସିଥିଲେ। ଅପରାହ୍ନ ୫ଟାରେ ପୋଲିସ ଉପସ୍ଥିତିରେ କର୍ମଚାରୀମାନେ ବ୍ୟାଙ୍କରେ ତାଲା ପକାଇ ପଳାଇଯିବା ପରେ ଫକୀରଙ୍କ ପରିବାର ଲୋକେ ଘରକୁ ଫେରିଥିଲେ। ଏ ସମ୍ପର୍କରେ ବ୍ୟାଙ୍କ ଅଧିକାରୀ ମହମ୍ମଦ ଆଶିଷ ଅନୱାର କହିଛନ୍ତି, ବ୍ୟାଙ୍କରୁ ଟଙ୍କା ଦେବାରେ ଅସୁବିଧା ନାହିଁ। ଯେହେତୁ ଜମାଖାତାଧାରୀ ବୟସ୍କ ଓ ନିଜେ ନିଷ୍ପତ୍ତି ନେବା ଅବସ୍ଥାରେ ନାହାନ୍ତି, ତେଣୁ ଅଧିକ ଟଙ୍କା ଉଠାଣ ପାଇଁ ଆଇନଗତ ସମସ୍ୟା ରହିଛି। ଚିକିତ୍ସା ପାଇଁ ଯାହା ଦରକାର ଦେଇହେବ। ମାତ୍ର ପରିବାର ଲୋକେ ସମସ୍ତ ଟଙ୍କା ଉଠାଇବାକୁ ଚାହୁଁଛନ୍ତି। ଜମାଖାତାଧାରୀ ଜୀବିତ ଥିବାରୁ ଉତ୍ତରାଧିକାରୀ ପ୍ରମାଣପତ୍ର ମିଳିବ ନାହିଁ। ଏହି ଦୃଷ୍ଟିରୁ କୋର୍ଟ ଆଫିଡେଭିଟ ଦେବାକୁ କୁହାଯାଇଥିବା ଆଶିଷ ଅନୱାର ପ୍ରକାଶ କରିଛନ୍ତି।

# ଥଣ୍ଡା ପାନୀୟ ପ୍ରକଳ୍ପ ଉଦ୍‌ଘାଟିତ

**କଣିହାଁ,୫।୫(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ କୁଲେଇଠାରେ ଶୁକ୍ରବାର ଓପିସିଏଲ ସାମାଜିକ ଦାୟିତ୍ୱବୋଧ ପାଣ୍ଠିରୁ ନିର୍ମିତ ଏକ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ ପାଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, କୁଲେଇ ସରପଞ୍ଚ ଜ୍ୟୋସ୍ନାମୟୀ ଗଡନାୟକ, ଗ୍ରାମ ସଭାପତି ଆଦିତ୍ୟ ସାମଲ ଯୋଗ ଦେଇଥିଲେ। ସେହିପରି ପବିତ୍ରନଗର ଉଚ୍ଚ ବିଦ୍ୟାଳୟଠାରେ ଏକ ଘରୋଇ ହସ୍ପିଟାଲ ତରଫରୁ ଆୟୋଜିତ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରକୁ ବିଧାୟକ ପାଲ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷଙ୍କ ସହ ସ୍ଥାନୀୟ ବିଜେଡି ନେତା ଓ କର୍ମୀ ଯୋଗ ଦେଇଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଅନ୍ୟ ଅତିଥିମାନେ।

# ପଣ୍ଡିତ ରଘୁନାଥଙ୍କ ଅବଦାନ ଚିର ସ୍ମରଣୀୟ


ନାଲ୍‌କୋ ନଗର ସିପିପି ସ୍ଥିତ ଆଦିବାସୀ ବସ୍ତିରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳନ କରାଯାଉଛି।

**ବଆଁରପାଳ, ୫।୫ (ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍‌କୋ ନଗର ସିପିପି ସ୍ଥିତ ଆଦିବାସୀ ବସ୍ତିରେ ବିଶିଷ୍ଟ ସାନ୍ତାଳୀ କବି ତଥା 'ଅଲ୍‌ଚିକି' ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବସ୍ତିରେ ରହିଥିବା ଆଦିବାସୀ ସମ୍ପ୍ରଦାୟର ସମସ୍ତ ଜନସାଧାରଣ ସିପିପି କାରଖାନା ପାଖ ଗୋଲେଇ ଛକରୁ ଏକ ଶୋଭାଯାତ୍ରା କରି ବସ୍ତିରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ପାଖରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ନାଲ୍‌କୋ ଶ୍ରମିକ ସଭା ସଭାପତି ବାବୁଲି ସେଠୀ ଯୋଗଦାନ କରି ପଣ୍ଡିତ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଜନଜାତିଙ୍କ ଶିକ୍ଷାର ପ୍ରସାରରେ ପଣ୍ଡିତ ମୁର୍ମୁଙ୍କ ଅବଦାନ ସଦା ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ରଘୁନାଥ ମୁର୍ମୁ ନଗର ସମିତି ସଭାପତି କସ୍ତୁରୀ ହେମ୍ବ୍ରମ, ଉପ ସଭପତି କାଳୀ ଚରଣ ଟୁଡୁ, ସାଧାରଣ ସମ୍ପାଦକ ସଞ୍ଜୟ ହାଁସଦା, ଉପ ସମ୍ପାଦକ ଅନନ୍ତ ଟୁଡୁ, କୋଷାଧ୍ୟକ୍ଷ ଲବ ପାତ୍ର, ଉପ କୋଷାଧ୍ୟକ୍ଷ ଦାକ୍ଷିଣ ଟୁଡୁ, ବସ୍ତିର ମୁଖିଆ ନୁନ୍ଦୁରୁ ସାଣ୍ଡିଲ ,କାହ୍ନୁ ମୁର୍ମୁ, ଛାକୁ ସୋରେନ, ମାଡୁଗୁ ମାଝିଙ୍କ ସମେତ ବସ୍ତିରେ ବସବାସ କରୁଥିବା ସମସ୍ତ ଆଦିବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାନ୍ଥରେ ପିଟିହୋଇ ଓଲଟିଲା କାର୍

**ଅନୁଗୋଳ ଅଫିସ, ୫।୫**

ଅନୁଗୋଳ ଜିଲା ମହୀଧରପୁର ଫାଣ୍ଡି ନିକଟରେ ଶୁକ୍ରବାର ଏକ ଦୁର୍ଘଟଣା ଘଟିଛି। କଟକରୁ ଅନୁଗୋଳ ଫେରୁଥିବା ବ୍ୟବସାୟୀ ପ୍ରବୀଣ ଗୁପ୍ତା ଏଥିରେ ଆହତ ହୋଇଛନ୍ତି। ପୋଲିସ କହିଛି, ପ୍ରବୀଣ ତାଙ୍କ କାର୍ (ନଂ. ଓଡି ୧୯ ଆର-୨୦୩୮) ଚଳାଇ ଅନୁଗୋଳ ଆସୁଥିବା ବେଳେ ତାଙ୍କୁ କେହି ପିଛା କରୁଥିବା ଅନୁଭବ କରିଥିଲେ। ପାଖରେ ଅଧିକ ଟଙ୍କା ଥିବାରୁ ଭୟରେ ସେ ଗାଡ଼ିର ବେଗ ବଢ଼ାଇ ଦେଇଥିଲେ। ହେଲେ ସେ ନିୟନ୍ତ୍ରଣ ହରାଇବାରୁ ଗାଡିଟି ଏକ କାନ୍ଥରେ ପଟିହୋଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଅଞ୍ଚଳବାସୀ ଓ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସଳୟକୁ ପଠାଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

# ଜିଲା ଘୋଷଣା ଦାବିରେ ଶୋଭାଯାତ୍ରା

**ତାଳଚେର, ୫।୫ (ନି.ପ୍ର.)**

ତାଳଚେରକୁ ଜିଲା ଘୋଷଣା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରହିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣାକୁ ଶୁକ୍ରବାର ୧୫୧ ଦିନ ପୂରଣ ହୋଇଛି। ଏହି ଅବସରରେ କମିଟି ପକ୍ଷରୁ ହାଟତୋଟା ଅଞ୍ଚଳରେ ଏକ ଶୋଭାଯାତ୍ରା କରାଯାଇଥିଲା। କମିଟିର ସଦସ୍ୟା/ସଦସ୍ୟମାନେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। କମିଟି ପକ୍ଷରୁ କୁହାଯାଇଛି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ସରକାରରେ ଥିବା ସମୟରେ ତାଳଚେରକୁ ୩୧ ନଂ. ଜିଲା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ରାଜ୍ୟ ସରକାର ସେହି ପ୍ରତିଶ୍ରୁତି ରକ୍ଷା କରି ତାଳଚେରକୁ ଜିଲା ଘୋଷଣା କରନ୍ତୁ। ଏହି ଶୋଭାଯାତ୍ରାରେ କ୍ରିୟାନୁଷ୍ଠାନ କମିଟିର ଚୈତନ୍ୟ ପ୍ରଧାନ, ପଦ୍ମ ଚରଣ ସାମଲ, ବଳରାମ କୁଣ୍ଡ, ଚିନ୍ତାମଣି ମହାପାତ୍ର, ବିଜୟ ମିଶ୍ର, କେଶବ ଭୂତିଆ, ନିଲମ ଲାଲ, ସୁସ୍ମିତା ବିଶ୍ୱାଳ, ଅଭୟ ପାଣି, ପ୍ରେମାନନ୍ଦ ମହାନ୍ତି, ପ୍ରଫୁଲ୍ଲ ନାଏକ, ଜିତେନ୍ଦ୍ର ଦାସ, ରାହାସ ଜେନା, ଅମିୟ ମହାନ୍ତି, ପ୍ରକାଶ ସାହୁ, ଗଗନ ଦାସ, ବିଭୂତି ସାହୁ, ସୁନୀଲ ବିଶ୍ୱାଳ, ନରେନ ସିଂହ, ଡିଲେଶ୍ୱର ବେହେରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

# ଶଙ୍କରାଚାର୍ଯ୍ୟଙ୍କ ଜୀବନୀ ଉପରେ ଆଲୋକପାତ

**ତାଳଚେର, ୫।୫ (ନି.ପ୍ର.)**

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଅନୁଗୋଳ ବିଚାରଧାର ଶାଖା ପକ୍ଷରୁ ୩୨ତମ ଆଭାସି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ଡ.ପ୍ରଶାନ୍ତ କୁମାର ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ତାଳଚେରସ୍ଥିତ ବ୍ରାହ୍ମଣଦେଇ ଆଶ୍ରମ ସଂସ୍ଥାପକ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବଟକୃଷ୍ଣ ତ୍ରିପାଠୀ ଓଁକାର ବନ୍ଦନା ଗାନ କରିଥିବା ବେଳେ ବିଭୂତି ଭୂଷଣ ସ୍ୱାଇଁ ବିବେକାନନ୍ଦଙ୍କ ଦିବ୍ୟବାଣୀ ପାଠ କରିଥିଲେ। କବୟିତ୍ରୀ ଅନୀତା ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥଲେ। ସଞ୍ଚିତା ତ୍ରିପାଠୀ ଶାନ୍ତିପାଠ କରିଥିବା ବେଳେ ଅଧ୍ୟାପକ ନରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଠଚକ୍ରରେ ବିବେକାନନ୍ଦ ଲୋକ ସଂସଦର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ, ଅନୁଗୋଳ ଶାଖା ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ପ୍ରଫେସର ପ୍ରଳୟ କୁମାର ନନ୍ଦ, ବିଶ୍ୱରଞ୍ଜନ ପ୍ରଧାନ, ରବୀନ୍ଦ୍ରନାଥ ସାହୁ, ବିପିନ ଶତପଥୀ, ବିରଞ୍ଚି ନାରାୟଣ ମୁଦୁଲି, ଜଗତ କିଶୋର ଦାସ, ଡ.ରାମଚନ୍ଦ୍ର ପାଲ, କାନନବାଳା ମିଶ୍ର, ପ୍ରଭାତ ନଳୀନୀ ଦାସ, ସଂକର୍ଷଣ ଶତପଥୀ, ଶରତ ଚୌଧୁରୀ, ବୈକୁଣ୍ଠ ବିହାରୀ ସାହୁ, ଜୟରାମ ମିଶ୍ର, ଉମାକାନ୍ତ ପଣ୍ଡା, ବିଜୟ କୁମାର ସାହୁ, ସୀମାଞ୍ଚଳ ମିଶ୍ରଙ୍କ ସମେତ ବିଭିନ୍ନ ସ୍ଥାନରୁ ବହୁ ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ।

# ଶୃଙ୍ଖଳାର ସହ ଯାତ୍ରା ପାଳନ ଉପରେ ଗୁରୁତ୍ୱ


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କ ସମେତ ଯାତ୍ରା କମିଟିର ସଦସ୍ୟମାନେ।

**ବଇଣ୍ଡା,୫।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡାଠାରେ ହେବାକୁ ଥିବା ଚନ୍ଦନ ଯାତ୍ରା ପାଇଁ ଶୁକ୍ରବାର ବଇଣ୍ଡା ଫାଣ୍ଡି ପରିସରରେ ପୋଲିସ ପ୍ରଶାସନ ସହ ଗ୍ରାମବାସୀ, ଯାତ୍ରା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ହଣ୍ଡପା ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ମୃତିରଞ୍ଜନ ନାୟକ, ବଇଣ୍ଡା ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ଯାତ୍ରା କମିଟି ସଭାପତି ପ୍ରତାପ ପ୍ରଧାନ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ଅରବିନ୍ଦ ସାହୁ, ଜିତେନ୍ଦ୍ର ବେହେରା, ମାନସ ସାହୁ, ମାଧବ ସାହୁ, ଉଗ୍ରସେନ ସେଠୀ, ବିନିତ ସାହା, ଶୁଭେନ୍ଦୁ ମୋହନ ସାହୁ, ପ୍ରାଣବନ୍ଧୁ ବେହେରା, ପ୍ରଶ୍ନ ବେହେରା, ରାଜା ଶର୍ମା, ପରିକ୍ଷିତ ସାହୁ, ଗିରୀଶ ବେହେରା, ସମୀର ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଚଳିତବର୍ଷ କିଭଳି ଶାନ୍ତିଶୃଙ୍ଖଳା ସହ ଯାତ୍ରା ପାଳନ ହେବ ସେ ନେଇ ସମସ୍ତଙ୍କ ସହଯୋଗ ଲୋଡ଼ାଯାଇଥିଲା। ସେହିପରି ଯାତ୍ରା ପଡିଆରେ ବ୍ୟାପକ ପୋଲିସ ମୁତୟନ କରିବା ସହ ଟ୍ରାଫିକ କିଭଳି ନିୟନ୍ତ୍ରଣ ହେବ ସେ ନେଇ ଆଲୋଚନା ହୋଇଥିଲା। ଏଥିସହ ଜାତୀୟ ରାଜପଥରେ ଏହି ଯାତ୍ରା ହେଉଥିବା ଯୋଗୁ ଭାରିଯାନ ଗୁଡିକ ବାଇପାସ୍ ଦେଇ ଛଡାଯିବ ବୋଲି ସ୍ଥିର କରାଯାଇଥିଲା।

# ଆଧୁନିକ ଚାଷ ପ୍ରଣାଳୀ ଆପଣାଅ

**ବଇଣ୍ଡା,୫।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ଲୁହାମୁଣ୍ଡାଠାରେ ଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ୟାର'ର ବାର୍ଷିକ ଉତ୍ସବ ଶୁକ୍ରବାର ଲୁହାମୁଣ୍ଡାସ୍ଥିତ ସଙ୍ଗଠନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପରିଚାଳକ ରଣଜିତ୍ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା ଯୋଗଦେଇ ଆଧୁନିକ ପ୍ରଣାଳୀରେ କିଭଳି ଚାଷ କରାଯାଇପାରିବ ଓ ଗାନ୍ଧିଜୀଙ୍କ ଆଦର୍ଶ ଉପରେ ଉପସ୍ଥିତ ଅଞ୍ଚଳବାସୀଙ୍କୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ସଞ୍ଜୟ ବିଶ୍ୱାଳ, ଦୀପକ ସାହୁ, ନିର୍ମାଣ ଶ୍ରମିକ ନେତା ଗନ୍ଧର୍ବ କାନ୍ଧିଆ, ମହିଳା ଚାଷୀ ଓ ସଙ୍ଗଠିକା ସାବିତ୍ରୀ ସାମନ୍ତ, ସରିତା ପ୍ରଧାନ, ମଞ୍ଜୁଲତା ବିଶ୍ୱାଳ, ମମତା ସାହୁ, ଗୁଣନିଧି ପ୍ରଧାନ, ଶ୍ୟାମଘନ ସ୍ୱାଇଁ, ଉପେନ୍ଦ୍ର ପ୍ରଧାନ, ସଞ୍ଜୟ ବିଶ୍ୱାଳ, ଜୟନ୍ତୀ ସାହୁ, ସରିତା ବେହେରା, ରଞ୍ଜିତା ସାହୁ, ଖୁଲଣା ସାହୁ ଉପସ୍ଥିତ ଥିଲେ। ସୁରଥ ସାହୁ ଧନ୍ୟବାଦ ଦେଇଥିଲେ।




# ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା

**ବଆଁରପାଳ,୫।୫(ଡି.ଏନ.ଏ.)**

ବିଶ୍ୱ ଚେତନାର ବାର୍ତ୍ତାବହ ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ଅନୁଗୋଳ ଜିଲା ନାଲ୍‌କୋନଗରସ୍ଥିତ ଭୀମଭୋଇ ବାଟିକାଠାରେ ପାଳିତ ହୋଇଯାଇଛି। କୁଲାଡ଼ ମହିମା ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତି ନିକଟରେ ଅଖଣ୍ଡ ବତୀ ପ୍ରଜ୍ୱଳନ କରାଯିବା ସହ ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା। ବାବା ଦାସ ଓ ବାବା ଜ୍ଞାନ ଦାସ ଅଲେଖ ଧ୍ୱନି ଦେଇ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଅତିଥି ଭବେ ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ମଣିପ୍ରସାଦ ସାମଲ, ଚିତ୍ତରଞ୍ଜନ ଗୌତମ ଯୋଗଦେଇ ସନ୍ଥ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନାଲ୍‌କୋର ପୂର୍ବତନ ଇଡି ଅମ୍ବିକା ପ୍ରସାଦ ପଣ୍ଡା ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଭୀମ ଭୋଇଙ୍କ ଅବଦାନ କେବଳ ମାନବ ଜାତି ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ସମସ୍ତ ପ୍ରାଣୀ ଜଗତ ପାଇଁ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଲାଡ ମହାନିତ୍ୟ ମହିମା ସମାଜର ପ୍ରେମାନନ୍ଦ ସେଠ, ଭୂତେସ ଚନ୍ଦ୍ର ଜେନା, ରାଜେଶ ଜେନା, ବୈରାଗୀ ସେଠ, କାର୍ତ୍ତିକେଶ୍ୱର ସେଠ, ବନମାଳୀ ସେଠ, ପରେଶ ଚନ୍ଦ୍ର ଜେନା, ପୃଥ୍ୱୀରାଜ ଜେନା, କରୁଣାକର ସେଠ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଜୟନ୍ତୀ ଅବସରରେ ଖଞ୍ଜଣି ଭଜନ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଭୀମ ଭୋଇଙ୍କ ବହୁ ଶ୍ରଦ୍ଧାଳୁ ଓ ନାଲ୍‌କୋ କର୍ମଚାରୀ ଯୋଗ ଦେଇଥିଲେ।


ସନ୍ଥ କବିଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ ଭୀମ ଭୋଇ

## ସନ୍ଥକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

**ଅନୁଗୋଳ ଅଫିସ, ୫।୫**



ଅଙ୍ଗାରବନ୍ଧ ମହିମା ଧାମ ପରିସରରେ ସନ୍ଥକବି ଭୀମ ଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଜିଲା ଅଙ୍ଗାରବନ୍ଧ ମହିମା ଧାମ ପରିସରରେ ସନ୍ଥକବି ଭୀମ ଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ ଓ ଅଲେଖ ମହିମା ଧାମ ପରିଚାଳନା କମିଟିର ମିଳିତ ସହଯୋଗରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଗୋପାଳ ଚନ୍ଦ୍ର ନାଥ ଏଥିରେ ଅଧ୍ୟକ୍ଷତା କରିଥିଲେ।

ଅଙ୍ଗାରବନ୍ଧ ଧାମର ଧର୍ମାଧ୍ୟକ୍ଷ ବାବା ମୁରଲୀଧର ଦାସ ଓ ବାବା ତ୍ରିନାଥ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ସଭାପତି ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ସନ୍ଥକବି ଭୀମଭୋଇ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତାଭାବେ ମହିମା ଧର୍ମର ବିଶିଷ୍ଟ ଗବେଷକ ଡ. ଉଦ୍ଧବ ଚରଣ ନାୟକ ଯୋଗଦେଇ ସନ୍ଥକବି ଭୀମଭୋଇ ଓ ମହିମା ଧର୍ମ ଉପରେ ଏକ ଦୀକ୍ଷାନ୍ତ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତାଭାବେ ଉପସ୍ଥିତ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ମହିମା ଧର୍ମର ବିଭିନ୍ନ ବିଚାରଧାରା ଉପରେ ଆଲୋଚନା କରିଥିଲେ। ଅଲେଖ ମହିମା ଧାମ ପରିଚାଳନା କମିଟି କୋଷାଧ୍ୟକ୍ଷ ବିଜ୍ଞାନୀ ବେହେରା ଧାମ ଓ ଆୟୋଜିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବଆଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଅଙ୍ଗାରବନ୍ଧ ସରପଞ୍ଚ ସୁଜାତା ସାହୁ, ଅଲେଖ ମହିମା ଧାମ ପରିଚାଳନା କମିଟି ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ। ଆଶୁକବି ଡ. ସତ୍ୟନାରାୟଣ ସିଂହ ସାମନ୍ତ ମହିମା ଧର୍ମ ଉପରେ ଏକ କବିତା ପାଠ କରିଥିଲେ। ଅଲେଖ ମହିମା ଧାମ ପରିଚାଳନା କମିଟି ଭାପତି ଲୋକନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଲେଖ ମହିମା ଧାମ ପରିଚାଳନା କମିଟି ଓ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ କର୍ମକର୍ତ୍ତାମାନେ ସହଯୋଗ କରି କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଛାତ୍ର ମୃତ

**ଢେଙ୍କାନାଳ ଅଫିସ, ୫।୫:** ଢେଙ୍କାନାଳ ଜିଲା ଗଁଦିଆ ଥାନା ଅରାଟୁଆ ଗ୍ରାମ ପୋଖରୀରେ ବୁଡ଼ିଯାଇ ଶୁକ୍ରବାର ୬ଷ୍ଠ ଶ୍ରେଣୀ ଛାତ୍ର ଚିରଞ୍ଜୀବୀ ସାହୁ (୧୨)ଙ୍କ ମୃତ୍ୟୁ ଘଟିଛି। ସେ ପୂର୍ବାହ୍ନରେ ସାଇକେଲରେ ପୋଖରୀ ଆଡ଼କୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ପୋଖରୀ ନିକଟରେ ସାଇକେଲ ପଡ଼ିଥିବା ଦେଖି ସନ୍ଦେହ ବଢ଼ିଥିଲା। ଗ୍ରାମବାସୀ ପାଣିରେ ଖୋଜାଖୋଜି କରି ଚିରଞ୍ଜୀବୀଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗଁଦିଆ ପୋଲିସ ମୃତଦେହ ଜବତ କରି ଘଟଣାସ୍ଥଳରେ ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ବିଶ୍ୱକଲ୍ୟାଣ ପାଇଁ ନବଗ୍ରହ ଶାନ୍ତିଯଜ୍ଞ

**କାମାକ୍ଷାନଗର, ୫।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାଦୁଆ ଗ୍ରାମରେ ଶୁକ୍ରବାର ନବଗ୍ରହ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱମଙ୍ଗଳ କାମନା କରି ଏହି ଯଜ୍ଞର ଆୟୋଜନ କରାଯାଇଥିଲା। ଏଥିପୂର୍ବରୁ ଗୁରୁବାର ଅଧିବାସ ଓ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସକାଳେ ସୂର୍ଯ୍ୟପୂଜା ପରେ ଯଜ୍ଞାରମ୍ଭ ହୋଇଥିଲା। ସୁବାସ ତ୍ରିପାଠୀ, ରମାକାନ୍ତ ତ୍ରିପାଠୀ ପୁରୋଧା ଏବଂ ଦୀପକ ମହାପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସୁବୁଦ୍ଧି ସାହୁ, ଭରତ ପରିଡ଼ା, ମାନସ ମହାପାତ୍ର, ସୁଧୀର ପରିଡ଼ା, ଶୁଶୀଲ ପରିଡ଼ା, କୁବେର ସାହୁ, ରୋହିତ ସାହୁ, ଗତିକୃଷ୍ଣ ସାହୁ, ସନାତନ ସାହୁ, ମାଧବ ସାହୁ, ସ୍ୱପ୍ନେଶ୍ୱର ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଭଜନସନ୍ଧ୍ୟା ଓ ସାମୂହିକ ପ୍ରସାଦସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ୨୦ ଟନ୍ ଚୋରା କୋଇଲା ଜବତ

**ପରଜଙ୍ଗ, ୫।୫(ଡି.ଏନ୍.ଏ.)** ପରଜଙ୍ଗ ଥାନା ଅନ୍ତର୍ଗତ ସରାଙ୍ଗ ଓ ଜଟିଆ ଅଞ୍ଚଳରୁ ୨୦ ଟନ୍‌ରୁ ଊର୍ଦ୍ଧ୍ୱ ଚୋରା କୋଇଲା ଜବତ କରାଯାଇଛି। ଜଟିଆ ଗ୍ରାମ ଉର୍ଜଙ୍ଗ କେନାଲ ନିକଟ ଏବଂ ସରାଙ୍ଗ ଗ୍ରାମ ବୋଲବମ୍ ପଡ଼ିଆ ନିକଟ ଆମ୍ବବୁରିଠାରେ ଚୋରା କୋଇଲା ଡିପୋ ଚାଲିଥିବା ସୂଚନା ମିଳିବା ପରେ ଭୁବନେଶ୍ୱର ଏବଂ ତାଳଚେର ଖଣି ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ାଉ କରିଥିଲା। ଆଗାମୀ ଦିନରେ ଏପରି ଚଢ଼ାଉ ଜାରିରହିବ ବୋଲି ତାଳଚେର ଖଣି ବିଭାଗ ଅଧିକାରୀ ବି.କେ. ସଅ ସୂଚନା ଦେଇଛନ୍ତି।



ଜବତ ଚୋରା କୋଇଲା।

# ‘ସବୁଜିମା ପାଇଁ ପ୍ଲାଷ୍ଟିକ ବିପଦ’

## ରାଜ୍ୟସ୍ତରୀୟ ସେମିନାରରେ ମତ





ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୫।୫**

ପ୍ରକୃତିର ବରଦାନ ଢେଙ୍କାନାଳ ଜିଲା। ସବୁଜ ସୁନ୍ଦର ପରିବେଶ, ନଦନଦୀ, ବନ୍ୟପ୍ରାଣୀ, କୃଷି, ପ୍ରାଚୀନ ମନ୍ଦିର, ପର୍ଯ୍ୟଟନସ୍ଥଳୀ, ମହିମାଧର୍ମ ଜିଲାକୁ ଗୌରବାନ୍ୱିତ କରିଛି। ହେଲେ ପ୍ଲାଷ୍ଟିକ ବର୍ଜ୍ୟ ଏସବୁର ସୁରକ୍ଷାରେ ବିପଦ ସାଜିଛି। ଜିଲାକୁ ପ୍ଲାଷ୍ଟିକମୁକ୍ତ କରିବା ଲାଗି ସଚେତନତାଧର୍ମୀ କାର୍ଯ୍ୟକ୍ରମ, ପରିବେଶ ସୁରକ୍ଷା ପାଇଁ ବ୍ୟାପକ ଚାରାରୋପଣ କରିବାକୁ ହେବ। ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବିରୋଧରେ ସଂଗ୍ରାମ ଜାରି ରଖିବାକୁ ପଡ଼ିବ। ଯୁବଗୋଷ୍ଠୀ, ଛାତ୍ରୀଛାତ୍ର ଏବଂ ମହିଳାମାନେ ଚାହିଁଲେ ଢେଙ୍କାନାଳ ଜିଲା ପ୍ଲାଷ୍ଟିକ୍ ମୁକ୍ତ ହୋଇପାରି ବୋଲି କହିଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ଢେଙ୍କାନାଳ କଲେଜ ନାନକ ଭବନ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ‘ଏକକ ବ୍ୟବହୃତ ପ୍ଲାଷ୍ଟିକର ଅନ୍ତ’ ଶୀର୍ଷକ ରାଜ୍ୟସ୍ତରୀୟ ସେମିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ଏଭଳି ଆହ୍ୱାନ ଦେଇଛନ୍ତି।

ଶିକ୍ଷାନୁଷ୍ଠାନର ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଡ. କେ. ମୁରୁଗେସନ ଆଲୋଚନାରେ ଭାଗନେଇ କହିଲେ, ପ୍ଲାଷ୍ଟିକ ବର୍ଜ୍ୟ ପୋଡ଼ିଲେ ବେଶି ବିପଦ। ଏହାର ଧୂଆଁରେ କ୍ୟାନ୍ସର ଭଳି ମାରାତ୍ମକ ରୋଗ ସୃଷ୍ଟି ହେବା ଆଶଙ୍କା ରହିଛି। ମାନସିକତା ବଦଳିଲେ ପ୍ଲାଷ୍ଟିକ୍ ମୁକ୍ତ ସମାଜ ଗଢ଼ିହେବ। ଢେଙ୍କାନାଳ କଲେଜ ରାଜ୍ୟସ୍ତରରେ ପ୍ରଥମ ଥର ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ପ୍ରଶଂସନୀୟ। ଏହାକୁ ଅନ୍ୟ ଶିକ୍ଷାନୁଷ୍ଠାନ ଅନୁକରଣ କରିବା ଆବଶ୍ୟକ। ଆସନ୍ତା ବର୍ଷ ବିଶ୍ୱ ପରିବେଶ ଦିବସ ପାଳନ ବେଳେ ଢେଙ୍କାନାଳ ଜିଲା, ସହର ଏବଂ କଲେଜ କ୍ୟାମ୍ପସ ଯେପରି ପ୍ଲାଷ୍ଟିକମୁକ୍ତ ହେବ, ସେଥିଲାଗି ଯତ୍ନବାନ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହା ହେଲେ ଢେଙ୍କାନାଳ କଲେଜ ଏବଂ ଜିଲାକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ସଦସ୍ୟ ସଚିବ ମୁରୁଗେସନ ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟତମ ସମ୍ମାନିତ ଅତିଥି ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଏବଂ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଯୋଗଦେଇ କହିଲେ, ସଚେତନ ନ ହେଲେ ଏଭଳି ବ୍ୟାଧିରୁ କେହି ମୁକ୍ତି ପାଇବେ ନାହିଁ। ସାମୂହିକ ଉଦ୍ୟମ ହେଲେ ପରିବର୍ତ୍ତନ ଆସିବ। ସେମିନାରରେ ଅଧ୍ୟକ୍ଷତା କରି କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ମହାବିଦ୍ୟାଳୟକୁ ପ୍ଲାଷ୍ଟିକ୍‌ମୁକ୍ତ କରାଯିବାକୁ ଘୋଷଣା କରିଥିଲେ। ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟଶଙ୍କର ମିଶ୍ର ପ୍ଲାଷ୍ଟିକ୍ ବର୍ଜ୍ୟରୁ ରାସ୍ତା ନିର୍ମାଣ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତାଙ୍କ ଲିଖିତ ପୁସ୍ତକ ଉନ୍ମୋଚିତ ହୋଇଥିଲା। କଲେଜର ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତ, ଆବାହକ ଡ. ଅନିରୁଦ୍ଧ ଖିଲାର, କାର୍ଯ୍ୟକାରୀ ସମ୍ପାଦକ ଡ. ଦେବରାଜ ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ବରିଷ୍ଠ ପ୍ରାଧ୍ୟାପକ ଜୟଦେବ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅପରାହ୍ନ ଅଧିବେଶନରେ ପୁରାତନ ଛାତ୍ର ବିରଞ୍ଚି ନାରାୟଣ ପାଣି, ଅଧ୍ୟାପକ ଡ. ବିଶ୍ୱଜିତ୍ ମହାପାତ୍ର, ଶିକ୍ଷାବିତ୍ ଡ. ହରେକୃଷ୍ଣ କର ପ୍ରମୁଖ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ ପ୍ରଫେସର, ପରିବେଶବିତ୍, ବୁଦ୍ଧିଜୀବୀ, ଆଲୁମିନ୍ ଆସୋସିଏଶନ କର୍ମକର୍ତ୍ତା, ରୋଟାରି କ୍ଲବ, ଚାମ୍ବର ଅଫ୍ କମର୍ସର କର୍ମକର୍ତ୍ତା, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଛାତ୍ରୀ ମୀନାକ୍ଷୀ ଅଗ୍ରୱାଲ, ବିଷ୍ଣୁପ୍ରିୟା ବେହେରା ଏହାର ସଂଯୋଜନା କରିଥିବାବେଳେ ଲିଜାରିନ୍ ସେନାପତି, ଅନିଶା ରଥ, ଉପାସନା ପଣ୍ଡା, ସଙ୍ଗୀତ ନନ୍ଦ, ଶୁଭଶ୍ରୀ ରାଉତରାୟ, ଶୁଭାଶିଷ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ରାହ୍ମଣୀ ଦେବୀ ମହୋତ୍ସବ

**ସାତମାଇଲ, ୫।୫(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ନୂଆବଗ ପଞ୍ଚାୟତ ଅନ୍ତର୍ଗତ ବାଘଧରିଆ ଗ୍ରାମର ଅଧିଷ୍ଠାତ୍ରୀ ଠାକୁରାଣୀ ମା’ ବ୍ରାହ୍ମଣୀ ଦେବୀଙ୍କ ପୀଠରେ ଶୁକ୍ରବାର ବ୍ରାହ୍ମଣୀ ଦେବୀ ମହୋତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ସକାଳେ ବହୁ ଶ୍ରଦ୍ଧାଳୁ, ନାମ ସଂକୀର୍ତ୍ତନ ଦଳ ଗହଣରେ ମା’ଙ୍କ ଆଲମକୁ ନଗର ପରିକ୍ରମା କରାଯାଇ ପୀଠକୁ ଅଣାଯାଇଥିଲା। ଏହାପରେ ପାରମ୍ପରିକ ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉପଲକ୍ଷେ ହରିମେଳା ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମନ୍ଦିର ନିତ୍ୟପୂଜକ ଦିବାକର ଦେହୁରୀ, ଗ୍ରାମ ସଭାପତି ପର୍ଶୁରାମ ଗଡ଼ନାୟକ, ସମ୍ପାଦକ ଭଜକିଶୋର ସାହୁ, ବ୍ରାହ୍ମଣୀ ଦେବୀ ଯୁବକ ସଂଘର ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ବାଘଧରିଆ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ। ରାତିରେ ଅନୁଷ୍ଠିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସୁଲେଇପାଳ ଓ ରନ୍ତଲେଇ ମଧ୍ୟରେ ବାଦଦଣ୍ଡ ପ୍ରତିଯୋଗିତା ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲେ।

# ଜୟନ୍ତୀରେ ମହାତ୍ମା ବୁଦ୍ଧ ଅଲୋଡ଼ା



ମହାତ୍ମା ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଥିଙ୍କର୍ସ ଫୋରମର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୫।୫**

ବିଶ୍ୱବାସୀଙ୍କୁ ନିର୍ବାଣର ଗହନ ବାର୍ତ୍ତା ଦେଇଥିବା ମହାତ୍ମା ବୁଦ୍ଧ ଜୟନ୍ତୀରେ ଅଲୋଡ଼ା ହୋଇଗଲେ। ତାଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ପକାଇବାକୁ ଭୁଲିଗଲେ ରାଜନେତା, ପ୍ରଶାସନିକ ଅଧିକାରୀ। ବୁଦ୍ଧ ଜୟନ୍ତୀରେ ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏଭଳି ବ୍ୟତିକ୍ରମକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛି ଢେଙ୍କାନାଳ ଥିଙ୍କର୍ସ ଫୋରମ୍।

ଅନ୍ୟପଟେ ଫୋରମ୍ ପକ୍ଷରୁ ନିରାଡମ୍ବର ଭାବେ ବୁଦ୍ଧ ଜୟନ୍ତୀ ପାଳନ କରାଯାଇଛି। ସାମାଜିକ ଶାଖା ପ୍ରମୁଖ ଦେବୀ ପ୍ରସାଦ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ଦେବବ୍ରତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୌତମ ବୁଦ୍ଧଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ସମସ୍ତେ ଅହିଂସା ମାର୍ଗ ଆପଣାଇଲେ ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା ହୋଇପାରିବ ବୋଲି ସେ କହିଥିଲେ। ଫୋରମ୍ ସଭାପତି ସୌମେନ୍ଦୁ ଶତପଥୀ, ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, ସାମାଜିକ ଶାଖା ସହପ୍ରମୁଖ ଅବିନାଶ ପଟ୍ଟନାୟକ, ଚରୈବେତି ପ୍ରମୁଖ ସୁଶୀଲ କୁମାର ନନ୍ଦ, ସହପ୍ରମୁଖ ବିବେକାନନ୍ଦ ଷଡଙ୍ଗୀ, କୋଷାଧ୍ୟକ୍ଷ ବୈକୁଣ୍ଠନାଥ ଦ୍ୱିବେଦୀ, ସଦସ୍ୟ ବିଭୁନାରାୟଣ ଦ୍ୱିବେଦୀ, ମହିଳା ସଦସ୍ୟା ବିଳାସିନୀ ଶତପଥୀ, ସସ୍ମିତା ରାଉତ, ସୁନୀତା ପଟ୍ଟନାୟକ, ସୁଚିତ୍ରା ଷଡ଼ଙ୍ଗୀ, ଶୁଭଶ୍ରୀ ନନ୍ଦ ପ୍ରମୁଖ ମାଲ୍ୟାର୍ପଣ ବେଳେ ଉପସ୍ଥିତ ଥିଲେ।

## ଶ୍ରୀକାନ୍ତଙ୍କ ପରିବାରକୁ ଭେଟିଲେ ଏମ୍‌ପି

**ଢେଙ୍କାନାଳ ଅଫିସ, ୫।୫**

ଢେଙ୍କାନାଳ ସଦର ଥାନା ଅଧୀନ କୁରୁମଟାଙ୍ଗର ଗ୍ରାମର ଶ୍ରୀକାନ୍ତ ପରିଡ଼ାଙ୍କ ଗତ ଏପ୍ରିଲ ୨୯ରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଏମ୍‌ପି ମହେଶ ସାହୁ ଶୁକ୍ରବାର ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଶ୍ରୀକାନ୍ତଙ୍କ ବଡ଼ଝିଅ ଓ ସାନଝିଅଙ୍କ ପାଠପଢ଼ା ପାଇଁ ସହାୟତା ଯୋଗାଇ ଦେବାକୁ ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ମୃତକଙ୍କ ପରିବାରକୁ ଆବାସ ଯୋଜନାରେ ସାମିଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମରେ ହାତୀ ଉପଦ୍ରବର ପ୍ରତିକାର ସମ୍ପର୍କରେ ଗ୍ରାମବାସୀ ଏମ୍‌ପିଙ୍କ ସହ ଆଲୋଚନା କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ପ୍ରତାପ ଦାସ, ସାମାଜିକ କର୍ମୀ ଲିଆକତ୍ ଅଲ୍ଲି ଖାଁ, ବିରଞ୍ଚି ବେହେରା, ସଦାଶିବ ମହାପାତ୍ର, ଶ୍ୟାମସୁନ୍ଦର ସାହୁ, ଦୁଷ୍ମନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆନନ୍ଦ ମାର୍ଗ ସଂଘର ସେବା କାର୍ଯ୍ୟକ୍ରମ



ପଥଚାରୀଙ୍କୁ ଦହି ସରବତ ବଣ୍ଟନ କରାଯାଉଛି।

**ଢେଙ୍କାନାଳ ଅଫିସ, ୫।୫**

ଢେଙ୍କାନାଳ ଆନନ୍ଦମାର୍ଗର ପ୍ରତିଷ୍ଠାତା ଆନନ୍ଦ ମୂର୍ତ୍ତିଜୀଙ୍କ ୧୦୨ତମ ଜୟନ୍ତୀ ଉପଲକ୍ଷେ ଆନନ୍ଦମାର୍ଗ ପ୍ରଚାରକ ସଂଘ ଶାଖା ତରଫରୁ ଶୁକ୍ରବାର ଟାଉନ୍ ଥାନା ସମ୍ମୁଖରେ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଥଚାରୀଙ୍କୁ ଦହି ସରବତ ବଣ୍ଟନ କରାଯାଇଥିଲା।ଶ୍ୟାମାଚରଣପୁରସ୍ଥିତ ଆଦୃତା ଶିଶୁ ସଦନରେ ନାରାୟଣ ସେବା, ନାମସଂକୀର୍ତ୍ତନ ବ୍ୟବସ୍ଥା କରାଯାଇଥିଲା। ସଂଘ ସଦସ୍ୟ ବିଷ୍ଣୁ ପ୍ରସାଦ କର, ନରେନ୍ଦ୍ର ବେହେରା, ରାମେଶ୍ୱର ମାଇତି, ଉମାକାନ୍ତ ପରିଡ଼ା, ବିମଳା ବେହେରା, ପ୍ରତିମା ମାଇତି, ରଞ୍ଜିତା ପରିଡ଼ା, ପୂଜା ମାଇତି ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ମା’ ଖଣ୍ଡୁରୀଙ୍କ ବାର୍ଷିକ ଯାତ୍ରା

**ପରଜଙ୍ଗ, ୫।୫(ଡି.ଏନ୍.ଏ.)**



ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ।

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କରଗୋଳା ପଞ୍ଚାୟତର ଅଧିଷ୍ଠାତ୍ରୀ ଦେବୀ ମା’ ଖଣ୍ଡୁରୀଙ୍କ ପୀଠରେ ୨ଦିନିଆ ବାର୍ଷିକ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଡା. ନୃସିଂହ ଚରଣ ସାହୁ ଯୋଗଦେଇ ମା’ଖଣ୍ଡୁରୀଙ୍କ ନିକଟରେ ଅଞ୍ଚଳବାସୀଙ୍କ ସୁଖସମୃଦ୍ଧି କାମନା କରିଥିଲେ। ଏହି ଅବସରରେ ବିଧାୟକ କହିଥିଲେ, ରାଜ୍ୟର ଧାର୍ମିକ ଅନୁଷ୍ଠାନ, ସାଂସ୍କୃତିକ ବିକାଶ ଦାୟିତ୍ୱ ରାଜ୍ୟ ସରକାର ହାତକୁ ନେଇଛନ୍ତି। ଶାନ୍ତି, ସଦ୍‌ଭାବନା ଏବଂ ଭାଇଚାରା ମାଧ୍ୟମରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ଅଞ୍ଚଳବାସୀ ସହଯୋଗ କରିବାକୁ ବିଧାୟକ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଙ୍କଡ଼ାହାଡ଼ ବ୍ଲକ ଯୁବ ବିଜେଡି ସଭାପତି ତାପସ ପାଣି, ସାମାଜିକ କର୍ମୀ ରମେଶ ମିଶ୍ର, ଟିକମ ହାତୀ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ମା’ଙ୍କ ବାର୍ଷିକ ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ସମସ୍ତଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।

## ‘ସାମାଜିକ ବିପ୍ଳବର ସୂତ୍ରଧର ଥିଲେ ସନ୍ଥକବି’

**ଢେଙ୍କାନାଳ ଅଫିସ, ୫।୫**

ଢେଙ୍କାନାଳ ଜିଲା ମହିମା ଧର୍ମର ପ୍ରମୁଖ ପୀଠ ଯୋରନ୍ଦା ମହିମାଗାଦିସ୍ଥିତ କୌପୀନଧାରୀ ମହିମା ସମାଜ ସଭାଗୃହରେ ଶୁକ୍ରବାର ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାଧୁ କନ୍ଦର୍ପ ବାବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିମା ଜ୍ୟୋତିଯାତ୍ରା ସଂଯୋଜକ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ସନ୍ଥକବି ଭୀମ ଭୋଇ ସାମାଜିକ ବିପ୍ଳବର ମହାନ୍ ସୂତ୍ରଧର ଥିଲେ। ସ୍ତ୍ରୀ, ପୁରୁଷଙ୍କ ବ୍ୟତୀତ ସେ ଅନ୍ୟ କୌଣସି ଜାତି ବ୍ୟବସ୍ଥାକୁ ଗ୍ରହଣ କରୁ ନ ଥିଲେ। ଶ୍ରୀମଦ୍ ଭାଗବତ ମହାପୁରାଣ ଓ ବେଦାନ୍ତ ଦର୍ଶନର ତତ୍ତ୍ୱକୁ ବୁଝିଥିବା ସନ୍ଥକବି ଉଦ୍ଭିଦ ଓ ପ୍ରାଣୀ ଜଗତ ମଧ୍ୟରେ ଏକ ବ୍ରହ୍ମଙ୍କ ସ୍ଥିତି ଅନୁଭବ କରୁଥିଲେ ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନାତନ ମଲ୍ଲିକ, ସମ୍ମାନିତ ଅତିଥି ଉଦ୍ୟାନ କୃଷି ବିଶେଷଜ୍ଞ ପଣ୍ଡିତ ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷାଧିକାରୀ ବିଭୂତି ଭୂଷଣ ବିଶ୍ୱାଳ, ମହିମା ଜ୍ୟୋତି ପତ୍ରିକାର ସମ୍ପାଦକ ବିରଞ୍ଚି ନାରାୟଣ ହୋତା ପ୍ରମୁଖ ଯୋଗଦେଇ କହିଲେ, ସନ୍ଥକବି ତାଙ୍କ ରଚନାବଳୀ ମାଧ୍ୟମରେ ଯେଉଁ ସ୍ୱାକ୍ଷର ଛାଡ଼ିଯାଇଛନ୍ତି, ତାହାକୁ ସ୍ମରଣୀୟ ହୋଇ ରହିବ। ପ୍ରଶାନ୍ତ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିପୂର୍ବରୁ ନେତ୍ରାନନ୍ଦ ରାଉତଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। କବି ନୀରୋଦ ସାମଲ, ମନୋଜ ମଞ୍ଜରୀ ଲେଙ୍କା, ରୂପମଞ୍ଜରୀ ପଟ୍ଟନାୟକ, ପ୍ରେମାନନ୍ଦ ରାଉତ, ପ୍ରଦୀପ୍ତ ଭଞ୍ଜ, ସୁଧାଂଶୁ ଶେଖର ରାଉତ, ରୀନା ସେଠୀ, ନିରଞ୍ଜନ ପତି ପ୍ରମୁଖ ଭୀମ ଭୋଇଙ୍କ ଦର୍ଶନ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ସକାଳେ ମହିମା ଖଞ୍ଜଣି ଭଜନ ଗାନ ମଧ୍ୟରେ ପୀଠ ପ୍ରବେଶ ପଥରେ ଥିବା ଭୀମ ଭୋଇଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା।



ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

## ‘ଭକ୍ତକବି ଦୀନକୃଷ୍ଣ ଅମୂଲ୍ୟରତ୍ନ’

**ଢେଙ୍କାନାଳ ଅଫିସ, ୫।୫**



ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଗ୍ରାମବାସୀ।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବ୍ରାହ୍ମଣୀ ତଟବର୍ତ୍ତୀ ଏକଘରିଆ ଗ୍ରାମ ତଥା ଶରଣ ଶ୍ରୀକ୍ଷେତ୍ରରେ ଶୁକ୍ରବାର ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ଭକ୍ତକବିଙ୍କ ସାଧନାପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ କମିଟି ସଭାପତି ଭାବଗ୍ରାହୀ ପରିଡ଼ା, ଆଚାର୍ଯ୍ୟ ବେଣୁଧର ଶତପଥୀ, ଶରଣ ଶ୍ରୀକ୍ଷେତ୍ର ସଭାପତି ଜୟନ୍ତ କୁମାର ପରିଡ଼ା, ସନ୍ଥ ଚିଣ୍ଟୁ ବାବା ପ୍ରମୁଖ ଯୋଗଦେଇଥିଲେ। ଭକ୍ତକବି ଦୀନକୃଷ୍ଣ ଦାସ କେବଳ କବି କିମ୍ବା ସାଧକ ନ ଥିଲେ, ଅଧିକନ୍ତୁ ସେ ଥିଲେ ମହାପ୍ରଭୁ ଜଗନ୍ନାଥଙ୍କ ଜଣେ ବଡ଼ ଭକ୍ତ। ଏକଘରିଆ ଗ୍ରାମବାସୀଙ୍କ ପାଇଁ ସେ ଥିଲେ ଅମୂଲ୍ୟରତ୍ନ। ତାଙ୍କ ସ୍ମୃତିରେ ଦୀନକୃଷ୍ଣ ପାଲାମଣ୍ଡପ ଓ ଦୀନକୃଷ୍ଣ କ୍ଲବ ସ୍ଥାପିତ ହୋଇଛି। ମହାପ୍ରଭୁଙ୍କ ଆଶୀର୍ବାଦ, ଏକଘରିଆ ଗ୍ରାମବାସୀ ତଥା ଅଗଣିତ ଭକ୍ତଙ୍କ ସହଯୋଗରେ ବ୍ରାହ୍ମଣୀ ନଦୀ ତଟରେ ଶ୍ରୀଜଗନ୍ନାଥଙ୍କ ପାଇଁ ଭବ୍ୟ ମନ୍ଦିର ତୋଳାଯାଇଛି। ବିଶ୍ୱନିୟନ୍ତାଙ୍କ ଅଙ୍ଗସେବା ପାଇଁ ଏଠାକାର ଉଦ୍ୟାନରୁ ଶ୍ରୀକ୍ଷେତ୍ରକୁ ଫୁଲ, ତୁଳସୀ ଯାଉଛି। ଭକ୍ତକବିଙ୍କ ସାଧନାପୀଠ ପ୍ରତି ସରକାର ଦୃଷ୍ଟିଦେଲେ ଏହାର ଗୁରୁତ୍ୱ ଆହୁରି ବଢ଼ିବ ବୋଲି ମତପ୍ରକାଶ ପାଇଥିଲା।

ପ୍ରତିବର୍ଷ ବୈଶାଖ ପୂର୍ଣ୍ଣିମାରେ ଗ୍ରାମରେ ଭକ୍ତକବିଙ୍କ ଜୟନ୍ତୀ ପାଳିତ ହେଉଛି। ଏହି ଅବସରରେ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ୧୦୦୦ ତୁଳସୀ ଚାରା ରୋପଣ କରାଯାଇଥିଲା। ଗାୟକ ନିରଞ୍ଜନ ବାହିନୀପତି ଏବଂ ସାଥୀଙ୍କ ଦ୍ୱାରା ୫ ରାତି ପାଲା ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ବଳଭଦ୍ର ସ୍ୱାଇଁ, ବ୍ରହ୍ମାନନ୍ଦ ରାଉତଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ଛେଣ୍ଡିପଦା,୫।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ କଣଲୋଇ ଗ୍ରାମରେ ଭାଲୁ ଆକ୍ରମଣରେ ଶୁକଦେବ ମାଝି ଗୁରୁତର ହୋଇଛନ୍ତି। ଶୁକଦେବ ନଈକୁ ଗାଧୋଇ ଯାଉଥିବା ବେଳେ ଭାଲୁ ହାବୁଡ଼ରେ ପଡ଼ିଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶନିବାର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ ବୋଲି ସୂଚନା ମିଳିଛି।

### ଅଷ୍ଟପ୍ରହର ନାମଯଜ୍ଞ

**ଆଠମଲ୍ଲିକ, ୫।୫ (ଡି.ଏନ.ଏ.):** ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୫ନଂ ୱାର୍ଡ ରୁଗୁଡ଼ିସାହିରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସର୍ବ ପୁରାତନ ଏହି ଅନୁଷ୍ଠାନରେ ସକାଳ ୬ଟାରେ ରୀତିନୀତି କରାଯାଇ ପୂଜାପାଠ ଆରମ୍ଭ ହୋଇଥିଲା। ପୂଜକ ଭାବରେ ପଣ୍ଡିତ ବୁଲୁ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। ରୁଗୁଡ଼ି ସାହି ଅଷ୍ଟପ୍ରହର ପୂଜା କମିଟି ସଭାପତି କାହ୍ନୁ ବେହେରା ମାଳି, ସମ୍ପାଦକ ଭାବରେ ମନୋଜ ନାୟକଙ୍କ ସମେତ ସାହିର ସମସ୍ତ ଅଧିବାସୀ ସହଯୋଗ କରିଥିଲେ। ଦିନ ତମାମ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ଡିସ୍‌ଚାର୍ଜ ରିପୋର୍ଟ ନ ପାଇବାରୁ ହୋହଲ୍ଲା

### ମୃତକଙ୍କ ପରିବାରକୁ ବୁଝାଶୁଝା କରି ପଠାଇଲା ପୋଲିସ


ଅନୁଗୋଳ ପୋଲିସ ପକ୍ଷରୁ ମୃତକଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରାଯାଉଛି।

**ଅନୁଗୋଳ ଅଫିସ, ୫।୫**

ଅନୁଗୋଳ ଜିଲା ନାଲ୍‌କୋ ଷ୍ଟାଡିୟମରେ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରି ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଫ)ରେ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ଦେବା ସମୟରେ ଗୁରୁବାର ବରଗଡ଼ ଜିଲା ଗାଇସିଲଟ ଥାନା ନୟାପଲ୍ଲୀ ଗ୍ରାମର ଡାକ୍ତର ସାହୁଙ୍କ ପୁଅ ପୁସ୍ତମ ସାହୁ(୨୨)ଙ୍କ ମୃତ୍ୟୁ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକେ ରାତିରେ ମୃତଦେହ ଧରି ବରଗଡ଼ ଅଭିମୁଖେ ବାହାରିଥିଲେ। ହେଲେ ଡିସ୍‌ଚାର୍ଜ ରିପୋର୍ଟ ନ ଥିବାରୁ ହୁଲୁରିସିଂହା ପୋଲ ନିକଟରେ ସେମାନେ ଆମ୍ବୁଲାନ୍ସ ଅଟକାଇ ହୋହଲ୍ଲା କରିଥିଲେ। ଖବରପାଇ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ, ଅନୁଗୋଳ ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ, ଏସ୍‌ଆଇ ଅମିତ୍ ମିଶ୍ର, ଏଏସ୍‌ଆଇ ଜିତେନ୍ଦ୍ର ରାଉଳ ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ପରେ ମୃତଦେହ ନେଇ ପରିବାର ଲୋକେ ଘରକୁ ଯାଇଥିବା ଜଣାପଡ଼ିଛି।

ପୋଲିସ କହିଛି, ପସ୍ତମ ଦୌଡ଼ିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରାଥମିକ ତଦନ୍ତ ବେଳେ ଜଣାପଡ଼ିଥିଲା। ତେଣୁ ଦୂର ସ୍ଥାନକୁ ମୃତଦେହ ପଠାଯିବାକୁ ଥିବାରୁ ସ୍ୱତନ୍ତ୍ର ଅନୁମତି ଅଣାଯାଇ ରାତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏଥିରେ ମଧ୍ୟ ମୃତକଙ୍କ ଭାଇ ସହମତି ପ୍ରକାଶ କରିଥିଲେ। କିନ୍ତୁ ପୁସ୍ତମଙ୍କ କେତେଜଣ ସମ୍ପର୍କୀୟ ମେଡିକାଲରେ ଭୁଲ ଔଷଧ କି ଇଞ୍ଜେକଶନ୍ ଦିଆଯାଇଥିବା ଅଭିଯୋଗ ଆଣିଥିଲେ। ମୃତଦେହ ବ୍ୟବଚ୍ଛେଦ ପୂର୍ବରୁ ଏପରି ଅଭିଯୋଗ ଆଣିଥିଲେ ତାହା ଯଥାର୍ଥ ହୋଇଥାନ୍ତା। କିନ୍ତୁ ବ୍ୟବଚ୍ଛେଦ ସରିବା ପରେ ଏଭଳି ଅଭିଯୋଗ କରାଯିବା ସହ ଡିସଚାର୍ଜ ରିପୋର୍ଟ ନ ଥିବାରୁ ମୃତଦେହ ନେଇ ଗଲାବେଳେ କୌଣସି ସମସ୍ୟା ହେଲେ କିଏ ଦାୟୀ ରହିବ ବୋଲି ମୃତକଙ୍କ ପରିବାର ପ୍ରଶ୍ନ କରିଥିଲେ। ପୋଲିସ ପକ୍ଷରୁ ସେମାନଙ୍କୁ ବୁଝାଶୁଝା କରାଯାଇଥିଲା। ଯେଉଁଠି ସମସ୍ୟା ହେବ, ସେଠାରେ ଅପମୃତ୍ୟୁ ମାମଲା ହୋଇଥିବାର ପ୍ରମାଣ ଦେଖାଇବାକୁ କୁହାଯାଇଥିଲା। ଏହାପରେ ମୃତଦେହ ନେଇ ପରିବାର ଲୋକେ ଘରକୁ ଯାଇଥିଲେ। ସିଆଇଏସ୍‌ଏଫ୍ କର୍ମଚାରୀଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ବୋଲି ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ପ୍ରକାଶ କରିଛନ୍ତି।

# ଚୋରା ଚାଲାଣକାରୀଙ୍କୁ ମାଡ଼ି ବସିଲା ପୋଲିସ

**ଅନୁଗୋଳ ଅଫିସ, ୫।୫**

ଅନୁଗୋଳ ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଶୁକ୍ରବାର ସହରରେ ଚଢ଼ାଉ କରାଯାଇ ଏକ କାର୍ (ନଂ. ଓଡି ୨୨ଏଫ-୪୦୦୦)ରୁ ମଦ ୪ଶହ ଲିଟର ଦେଶୀ ମଦ ଜବତ କରିଛି। ଏଥିସହ ୨ ଜଣଙ୍କୁ ଗିରଫପରେ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଏସ୍‌ପି ମଧୁସ୍ମିତା ନାୟକ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ଅନୁଗୋଳ ଅବକାରୀ ମୋବାଇଲ ସ୍କ୍ୱାଡ୍ ସବ୍‌ଇନ୍ସପେକ୍ଟର ଗାୟତ୍ରୀ ମାଝି ଅନୁଗୋଳ ଫାୟାର ଷ୍ଟେଶନ୍ ଛକଠାରେ ଗାଡ଼ି ଯାଞ୍ଚ କରୁଥିଲେ। ଏକ କାର୍‌କୁ ଯାଞ୍ଚ କରିବା ବେଳେ ଡିକିରୁ ୪ଶହ ଲିଟର ଦେଶୀ ବାହାରିଥିଲା। ଅବକାରୀ ସ୍କ୍ୱାଡ୍ ତାହାକୁ ଜବତ କରିବା ସହ ଚୋରାରେ ମଦ ଚାଲଣ କରୁଥିବା ଅଭିଯୋଗରେ ରେଙ୍ଗାଳି ଥାନା ବଜ୍ରକୋଟ ଗାଁର ରାହୁଲ ସାହୁ(୨୦) ଓ ରେଙ୍ଗାଳି ଡ୍ୟାମର ସୁଶୀଲ ମହାନ୍ତି(୨୦)ଙ୍କୁ ଗିରଫ କରିଥିଲା। ଏଥିସହ ମଦ ଚାଲାଣ କରାଯାଉଥିବା କାରକୁ ଜବତ କରାଯାଇଥିଲା।



# ନାମ ସଂକୀର୍ତ୍ତନରେ କମ୍ପିଲା ନାତିଡ଼ି


ଅତିଥିମାନେ ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଘାଟନ କରୁଛନ୍ତି।

**ଅନୁଗୋଳ ଅଫିସ, ୫।୫**

ତାଳଚେର ବ୍ଲକ କର୍ଣ୍ଣପୁର ପଞ୍ଚାୟତ ନାତିଡ଼ି ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମହାଯଜ୍ଞ ଆଳତି ସରିବା ପରେ ରାଧାକୃଷ୍ଣଙ୍କ ବିମାନକୁ ଗ୍ରାମ ପରିକ୍ରମା କରାଯାଇଥିଲା। ପାରମ୍ପରିକ ବାଦ୍ୟଯନ୍ତ୍ର ସାଙ୍ଗକୁ ଲଉଡି ଖେଳ, ଘଣ୍ଟ ବାଦ୍ୟ, ନାମ ସଂକୀର୍ତ୍ତନ ଯୋଗୁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ-ଢେଙ୍କାନାଳ ସଂଯୁକ୍ତ ସମବାୟ ବ୍ୟାଙ୍କ ଜିଲା ସଭାପତି ସନ୍ତୋଷ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତା ଦଳ ଜିଲା ଉପସଭାପତି ଲିପୁନା ଭୁକ୍ତା, ଦିଲୀପ ପ୍ରଧାନ, କର୍ଣ୍ଣପୁର ସରପଞ୍ଚ ପାର୍ଥ ପ୍ରଧାନ, ସମିତି ସଭ୍ୟ ପ୍ରଦୀପ ବେହେରା, ବଡ଼ଜୋରୋଡା ସରପଞ୍ଚ, ନାତିଡି ଗ୍ରାମ ସଭାପତି ଶଶାଙ୍କ ଶେଖର ସାମଲ, ସମ୍ପାଦକ ପ୍ରେମାନନ୍ଦ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍କଳୀୟ ଦଣ୍ଡ ସଂସ୍କୃତି ସମାଜ ମଙ୍ଗଳ ସଂଘ ସଭାପତି ହରମୋହନ ସାହୁ, ରାହାସ ବିଶ୍ୱାଳ, ଯୋଗେନ୍ଦ୍ର ବିଶ୍ୱାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତି ଥିଲେ। ସମସ୍ତ ଅତିଥିଙ୍କୁ ଗ୍ରାମବାସୀଙ୍କ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ବିପଦ ଆଶଙ୍କା ବଢ଼ାଉଛି ରାଜପଥ ପାର୍ଶ୍ୱ ଗର୍ତ୍ତ

**ବଣ୍ଡରପାଳ,୫।୫(ଡି.ଏନ.ଏ.)**

ବଣ୍ଡରପାଳ ବ୍ଲକ ଜଗନ୍ନାଥ କ୍ଲିନିକ୍ ନିକଟସ୍ଥ ଜାତୀୟ ରାଜପଥ ପାର୍ଶ୍ୱରେ ଦୀର୍ଘଦିନରୁ ଏକ ଗର୍ତ୍ତ ଥିବାରୁ ଦୁର୍ଘଟଣା ଆଶଙ୍କା ବୃଦ୍ଧି ପାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ,



ଜାତୀୟ ରାଜପଥ ପାର୍ଶ୍ୱରେ ବୈଦ୍ୟୁତିକ କେବୁଲ ବିଛାଇବା ପାଇଁ ଅନେକ ସମୟରେ କେତେକ କମ୍ପାନୀ ମାଟି ଖୋଳୁଥିବା ବେଳେ ତାହାକୁ ସମତଳ ନ କରି ଛାଡି ଦେଇଛନ୍ତି। ଫଳରେ ଏଠାର ଦୁର୍ଘଟଣା ଆଶଙ୍କା ଦେଖାଦେଇଛି। ପ୍ରତିଦିନ ରାଜପଥରେ ସହସ୍ରାଧିକ ଯାନ ଚଳାଚଳ କରୁଥିବାବେଳେ ବହୁ ଛାତ୍ରୀଛାତ୍ର ସାଇକେଲ ଯୋଗେ ସ୍କୁଲ, କଲେଜ ଯିବା ଆସିବା କରୁଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗର୍ତ୍ତ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରଜତ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୫।୫**

ଅନୁଗୋଳ ସହର ହୁଲୁରିସିଂହା ଠାରେ ଶୁକ୍ରବାର ସନ୍ଧ୍ୟାରେ ବାଦିପାଲା ମହୋତ୍ସବର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲା ପରିଷଦ ସଭାପତି ବବିତା ପ୍ରଧାନଙ୍କ ସହ ସତ୍ୟନାରାୟଣ ପୂଜା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ରଜତ ଜୟନ୍ତୀ ଉତ୍ସବ ୭ ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ କବି ସମ୍ମିଳନି, ଶାସ୍ତ୍ରୀୟ ସଙ୍ଗୀତ ସହ ବିଭିନ୍ନ ଅଧିବେଶନ ଆୟୋଜନ କରାଯିବ। ସେହିଭଳି ନୟାଗଡ଼ର ବିଶାରଦ ରମେଶ ଚନ୍ଦ୍ର ପଣ୍ଡା ଓ ପୁରୀର ରାଜ ହଂସ ପ୍ରମୋଦ କୁମାର ସାହୁଙ୍କ ଦ୍ୱାରା ବାଦିପାଲା ପରିବେଷଣ କରାଯିବ। ଏହି ରଜତ ଜୟନ୍ତୀକୁ ଚିତ୍ତାକର୍ଷକ କରିବାକୁ ଅପରାହ୍ନରେ ଶୈଳଶ୍ରୀକ୍ଷେତ୍ର ମା ବୁଢ଼ୀ ଠାକୁରାଣୀ ପୀଠରୁ ଏକ ଶୋଭାଯାତ୍ରା ଆୟୋଜନ କରାଯାଇ ଐତିହ୍ୟସ୍ଥଳ ତେନ୍ତୁଳିମୂଳ ହୁଲୁରିସିଂହାଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରରେ ହୁଲୁରିସିଂହା ଅଞ୍ଚଳବାସୀ ଯୋଗଦେଇ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରରେ ସାଂସ୍କୃତିକ ଓ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା।


ବାଦୀପାଲା ମହୋତ୍ସବର ରଜତ ଜୟନ୍ତୀ ଅବସରରେ ସାଂସ୍କୃତିକ ଶୋଭାଯାତ୍ରା ବେଳେ ଅଞ୍ଚଳର ମହିଳମାନେ ସହର ପରିକ୍ରମା କରୁଛି।

# ଦୁର୍ଘଟଣାରେ ୨ ମୃତ, ୨ ଗୁରୁତର

**ସୋର, ୫।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ୧୬ନଂ. ଜାତୀୟ ରାଜପଥ କଲେଜ ଛକ ନିକଟରେ ଶୁକ୍ରବାର ଭୋର୍ ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ହାଇୱାକୁ ପଛରୁ ଟ୍ରକ୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଛି। ୨ଜଣ ଗୁରୁତର ଆହତ ହୋଇ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି।

କୋଲକାତାରୁ ଖୋର୍ଦ୍ଧା ଅଭିମୁଖେ କୁକୁଡା ଆଣିବାକୁ ଏକ ଟ୍ରକ (ନଂ. ଡବ୍ଲ୍ୟୁବି୨୧-୧୪୯୯) ଯାଉଥିବା ବେଳେ ସୋର କଲେଜ ଛକ ନିକଟରେ ଆଗରେ ଯାଉଥିବା ଏକ ହାଇୱା ହଠାତ୍ ବ୍ରେକ ମାରିବାରୁ ପଛରୁ ଟ୍ରକ ପିଟି ହୋଇଥିଲା। ଫଳରେ ଟ୍ରକରେ ଥିବା ୬ ଜଣଙ୍କ ମଧ୍ୟରୁ ୪ ଜଣ ଚାପି ହୋଇ ରହିଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲେ। ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ପହଞ୍ଚି ସୋର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀ ଏବଂ ହେଲପିଂ ହ୍ୟାଣ୍ଡସର ସଭାପତି ରହୀମତ ଅଲ୍ଲୀ ଆମ୍ବୁଲାନ୍ସ ସହ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପରେ ଟ୍ରକ୍‌ରୁ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର କୋଲକାତା ବସିରହାଟ ଅଞ୍ଚଳର ଆସରଫ ସର୍ଦ୍ଦାର (୩୮) ଏବଂ ସାଇଫୁଲ ଗାଜି (୩୫)ଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ହୋଇଥିବା ବସିରହାଟ ଅଞ୍ଚଳର ସଇଫ ସର୍ଦ୍ଦାର (୩୨) ଏବଂ ଫରିଦକାଟି ଗ୍ରାମର ଆଲାମ ଗିରି (୩୬)ଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସୋର ପୋଲିସ ପହଞ୍ଚି ଟ୍ରକ୍‌କୁ ଜବତ କରି ସୋର ଥାନାକୁ ଆଣିଥିବା ବେଳେ ମେଡ଼ିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଉଭୟଙ୍କ ଶବକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ରାଜେନ୍ଦ୍ରପୁର-ଚୁଡ଼ାକୁଟି ରାସ୍ତା ଶୋଚନୀୟ

**ବାରିକପୁର,୫।୫(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ରାଜେନ୍ଦ୍ରପୁରଠାରୁ ଧାମନଗର ବ୍ଲକର ଚୁଡ଼ାକୁଟି ଯାଏ ପୂର୍ତ୍ତ ବିଭାଗ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପ୍ରାୟ ୧୦ ଗ୍ରାମର ଲୋକ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ପିଚୁ ବାହାରି ମେଟାଲ ଉଠିଯାଇଛି। ରାସ୍ତାର ଦୁରାବସ୍ଥା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଆମ୍ବୁଲାନ୍ସ ଓ ଦମକଳ ପରି ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଗାଡ଼ି ପହଞ୍ଚିବାରେ ବିଳମ୍ବ ହେଉଛି। ଆଗକୁ ବର୍ଷାଦିନେ ରାସ୍ତାର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିବ। ଉକ୍ତ ରାସ୍ତାରେ ଥିବା ଏକ ଭଙ୍ଗା ପୋଲର ନିମ୍ନମାନର ମରାମତି ରାସ୍ତା ଅବସ୍ଥାକୁ ଆହୁରି ଜଟିଳ କରୁଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏନେଇ ସ୍ଥାନୀୟ ନିର୍ଗୁଣ୍ଡି ପଞ୍ଚାୟତର ସରପଞ୍ଚ ସତ୍ୟବ୍ରତ ପାଲ, ବରିଷ୍ଠ ନାଗରିକ ଅକ୍ଷୟ କୁମାର ମହାନ୍ତି, ଘନଶ୍ୟାମ ସ୍ୱାଇଁ ପ୍ରମୁଖ ବାରମ୍ବାର ପ୍ରଶାସନ ଓ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁ କହିଛନ୍ତି, ପୋଲଟି ଭାଙ୍ଗି ଯାଇଥିବାରୁ ମରାମତି ହୋଇଛି। ଯଥାଶୀଘ୍ର ଉକ୍ତ ରାସ୍ତା ମରାମତି କରାଯିବ। ତେବେ ମରାମତି କରା ନ ଯାଇ ସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଟୁଇଟରରେ ସମସ୍ୟା ସମାଧାନ କରୁଛନ୍ତି ସୌମ୍ୟା



ଟୁଇଟର ମାଧ୍ୟମରେ ସୌମ୍ୟାଙ୍କ ଅଭିଯୋଗ।

**ଢେଙ୍କାନାଳ ଅଫିସ, ୫।୫**

ମୁଣ୍ଡ ଟେକିଲେ ମାଳ ମାଳ ସମସ୍ୟା। କେଉଁଠି ପାଣିର ଅଭାବ ତ ଆଉ କେଉଁଠି ରାସ୍ତାଘାଟ ସମସ୍ୟା। କିଏ ଘରୋଇ ହିଂସାର ଶିକାର ହେଲାଣି ତ ଆଉ କିଏ ଅଧିକାର ପାଇଁ ଲଢ଼େଇ କରୁଛି। ହେଲେ ସବୁ ସମସ୍ୟା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିକୁ ଆସିପାରୁନାହିଁ। ଅନ୍ୟ କେତେକ ସ୍ଥଳେ ବିଭାଗୀୟ ଅଧିକାରୀ ଏହାକୁ ଅଣଦେଖା କରିବା କାରଣରୁ ସାଧାରଣ ଜନତା ପ୍ରଭାବିତ ହେଉଛନ୍ତି। ହେଲେ ଟୁଇଟର ମାଧ୍ୟମରେ ଏଭଳି ସମସ୍ୟାର ସରଳ ସମାଧାନ କରି ଚର୍ଚ୍ଚାକୁ ଆସିଛନ୍ତି ଢେଙ୍କାନାଳର ଯୁବ ସାମାଜିକ କର୍ମୀ ସୌମ୍ୟା ମିଶ୍ର।

ଜିଲା ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଘଟୁଥିବା ସମସ୍ୟା ତାଙ୍କ ଦୃଷ୍ଟିକୁ ଆସିଲେ, ସେ ଟୁଇଟ୍ କରି ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଅବଗତ କରାଉଛନ୍ତି। ଏହି କାର୍ଯ୍ୟରେ ଦୈନିକ କିଛି ଘଣ୍ଟା ଦେଉଛନ୍ତି, ଯାହା ତାଙ୍କୁ ଆତ୍ମସନ୍ତୋଷ ଦେଉଛି ବୋଲି ସେ କହିଛନ୍ତି। ସୌମ୍ୟାଙ୍କ ଏହି ପଦକ୍ଷେପ ସହରରେ ଆଲୋଚନାରେ ବିଷୟ ହୋଇଛି। ସୂଚନାଯୋଗ୍ୟ, ସୌମ୍ୟା ନିଜ ପରିବାର ସହ ହାଉସିଂବୋର୍ଡରେ ରହୁଛନ୍ତି।

# ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ


ମହାତ୍ମା ଗାନ୍ଧୀଙ୍କ ରହଣି ସ୍ମୃତିସଭା ପାଳନ ଅବସରରେ ଅତିଥିମାନେ।

**ବଇଣ୍ଡା,୫।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାମୁରଠାରେ ଶୁକ୍ରବାର ମହାତ୍ମା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ରହଣି ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସମ୍ପାଦକ ଗୋକୁଳା ନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଡାକ ବଙ୍ଗଳାଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଆମ୍ବତୋଟା ପରିସରରେ ଆୟୋଜିତ ସଭାରେ ଅତିଥି ଭାବେ ଅନୁଗୋଳ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ୧୯୩୪ ମସିହା ମେ ୫ରେ ଗାନ୍ଧିଜୀ ଝାରସୁଗୁଡାରୁ କଟକ ଅଭିମୁଖେ ଯାଉଥିବାବେଳେ ବାମୁରଠାରେ ରାତ୍ରୀ ଯାପନ କରିବା ସହ ଗ୍ରାମବାସୀଙ୍କୁ ନିଶା ନିବାରଣ ସମ୍ପର୍କରେ ସଚେତନ କରାଇଥିଲେ। ଏହି ରହଣିକୁ ନେଇ ପ୍ରତ୍ୟେକ ବର୍ଷ ମହାତ୍ମା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ତରଫରୁ ସ୍ମୃତି ରହଣି ସଭା ଆୟୋଜନ କରାଯାଉଛି।

## ଜନ ପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ

ବାମୁରଠାରେ ଅନୁଷ୍ଠିତ ମହାତ୍ମା ଗାନ୍ଧୀ ରହଣି ସ୍ମୃତିସଭାରେ ସ୍ଥାନୀୟ ସରପଞ୍ଚ ଓ ଅଞ୍ଚଳବାସୀଙ୍କୁ ଉପେକ୍ଷା କରାଯାଇଥିବା ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଟ୍ରଷ୍ଟର ଆଜୀବନ ସଦସ୍ୟ, ବଣିକ ସଂଘ ଓ ପଞ୍ଚାୟତର କୌଣସି ସଦସ୍ୟ ଏବଂ ସରପଞ୍ଚଙ୍କୁ ଡକାଯାଇନାହିଁ। ବିଶେଷକରି ଟ୍ରଷ୍ଟର କେତେଜଣ ସଦସ୍ୟ ମନୋମୁଖି ଭାବେ ଏହି କାର୍ଯ୍ୟକ୍ରମ କରିଥିବାବେଳେ ଲୋକ ପ୍ରତିନିଧିଙ୍କୁ ଏଥିରୁ ଦୂରେଇ ରଖିଛନ୍ତି। ଟ୍ରଷ୍ଟ ପକ୍ଷରୁ ପୂର୍ବରୁ ଅନେକ ଉନ୍ନତୀକରଣ କାର୍ଯ୍ୟ କରାଯାଇଥିବାବେଳେ ସେ ଗୁଡିକର ହିସାବରେ ଜାଲିଆତି ହୋଇଥିବା ଅଭିଯୋଗ ଆସିଥିଲା। ଏହାପରେ ଟ୍ରଷ୍ଟ ପକ୍ଷରୁ ଲୋକ ପ୍ରତିନିଧିଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରୁ ଦୂରେଇ ରଖାଯାଉଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ଟ୍ରଷ୍ଟ ସମ୍ପାଦକ ଗୋକୁଳା ନନ୍ଦ ପ୍ରଧାନ କହିଛନ୍ତି, ଟ୍ରଷ୍ଟ ପକ୍ଷରୁ ସରପଞ୍ଚଙ୍କ ନିକଟକୁ ନିମନ୍ତ୍ରଣ କାର୍ଡ ପଠାଯାଇଥିଲା। ହେଲେ ଯେଉଁ ବ୍ୟକ୍ତି ଉକ୍ତ କାର୍ଡ ନେଇଥିଲେ ସେ ତାହାକୁ ସରପଞ୍ଚଙ୍କୁ ଦେଇ ନ ଥିବାରୁ ସରପଞ୍ଚ କାର୍ଯ୍ୟକ୍ରମକୁ ଆସିବାକୁ ମନା କରିଦେଇଥିଲେ।

